

ଚିଠି ସଂଖ୍ୟା ଓ ତାରିଖ :

ପ୍ରିୟ ବନ୍ଧୁ,

ନମସ୍କାର।

ଅଜଣା ଅତୀତର କେଉଁ ଏକ ଅସାଧାରଣ କ୍ଷଣରେ ଜନ୍ମହୋଇ, ପରିବର୍ତ୍ତନର ଖରା-ବର୍ଷା-ଶୀତ ଖାଇ ଖାଇ ବଡହୋଇଛି। ସମୟର ନଈକୂଳରେ ଆଜି ଠିଆ ହୋଇଛି ସେ। ସେ ଆମ "ଗାଁ"। ତଥାପି ପ୍ରାକୃତିକତା ତା'ର ପରିଚୟ ହୋଇ ରହିଛି। ସେଇ ପ୍ରକୃତିର ପ୍ରତୀକ "ଗଛ"। କୃତ୍ରିମତାର କଳା ଧୂଆଁରେ ଡହଳବିକଳ ମଣିଷ ସେଇଥିପାଇଁ ଗଛ ଓ ଗାଁ କୁ ଝୁରି ହେଉଛି, ବରଂ ଝୁରିହେବାକୁ ବାଧ। ସତ୍ୟ ସହ ଏକ ସିଧାସଳଖ ସମ୍ପର୍କ ରଖିଥିବା "ଗାନ୍ଧୀ" ବୋଧହୁଏ ସେଥିପାଇଁ ଭାରତର ଗାଁ କୁ ପ୍ରାଣଭରି ଭଲପାଉଥିଲେ ! ସେ ସେହି ଅନୁସାରେ ଜିଇଥିଲେ।

ଜନ୍ମିବା ଓ ମରିବାର ବନ୍ଧନୀ ଭିତରେ ଆବଦ୍ଧ ହୋଇପାରେ ଜୀବନ। କିନ୍ତୁ ଏହାର ଉଚ୍ଚତା ? ଏହାର ଗଭୀରତା ?

ଉଚ୍ଚତା ଏହାର ଛୁଇଁପାରେ ଆକାଶର ଛାତି। ପ୍ରଶାନ୍ତ ମହାସାଗରର ପେଟ ପର୍ଯ୍ୟନ୍ତ ଯାଇପାରେ ଏହାର ଗଭୀରତା। ଏମିତି ଗୋଟିଏ ଜୀବନ ବଞ୍ଚିଥିଲେ ବୋଲି ସିନା ବାପୁଙ୍କୁ ଆଜି ଝୁରିହୁଏ ମନ !

ତାଙ୍କ ଜନ୍ମିବାର ଦେଢଶହ ବର୍ଷ ପାଳୁଛି ଏକ କୃତଜ୍ଞ ସମାଜ-ଲଙ୍କାପଡା ରୁ ଲସ୍ ଏଞ୍ଜେଲ୍ସ।

ସରଳ କିନ୍ତୁ ଗଭୀର। କଳାଧଳା ର ଅପୂର୍ବ ରଚନାରେ ଇନ୍ଦ୍ରଧନୁ ଠାରୁ ସୁନ୍ଦର ସେ।

ସେ ଥିଲେ ଦରିଦ୍ର ଭାରତର ମହାରାଜା। ଏଇ ମାଟିର ମହାଶକ୍ତି।

ସବୁ ପୁଣି ସେ ଅତୁଳନୀୟ ଜନନାୟକ। ଶତ୍ରୁ ର ଶ୍ରଦ୍ଧାରେ ସମ୍ପୂର୍ଣ୍ଣ ତାଙ୍କ ମଣିଷପଣିଆ, ତାଙ୍କ ଭଲପଣ। ଅନନ୍ୟ ସେଇ ଭଲପଣ। ଅପହଞ୍ଚ ତାର ପରିଧି।

ସେଇ ସୁଷମାମୟ ସୀମାରେଖା ଆଡେ ଆମେ ସମସ୍ତେ ହୁଅନ୍ତେ ଗତିଶୀଳ ! ଏହି କଥା ଚାହେଁ ଏ ଆୟୋଜନ।

ସେ ଅସାମାନ୍ୟ ଭଲପଣର ସାମାନ୍ୟକଥନ, ଏବର୍ଷର ଅଙ୍କୁରାୟନ। ଗାଁ, ଗଛ ଓ ଗାନ୍ଧୀ ଏଥରର ପ୍ରମୁଖ ବିଷୟବସ୍ତୁ।

ଆପଣଙ୍କ ଆସିବା ହେବ ଆମ ପାଇଁ ଆନନ୍ଦର କଥା-ଆପଣଙ୍କ ପିଲାର ଯୋଗଦାନ ହେବ ଏ ଉତ୍ସବର ସାର୍ଥକତା।

ଆପଣଙ୍କର

ସୁଧାଂଶୁ ପରିଡା

ଆବାହକ, ଅଙ୍କୁରାୟନ-୨୦୧୯

ଦୂରଭାଷ: ୮୩୩୯୮୮୫୨୭୫



ବନ୍ଧୁ



ଅଙ୍କୁରାୟନ

ଅସାମାନ୍ୟ ଭଲପଣର ସାମାନ୍ୟକଥନ

ନିୟମାବଳୀ

(କାର୍ଯ୍ୟକ୍ରମମାନ ନିର୍ଦ୍ଧାରିତ ସମୟରେ କରାଯାଏ)

୧. ଅଙ୍କୁରାୟନରେ ଭାଗନେବାକୁ ଥିବା ପିଲାମାନଙ୍କ ନାମ ନିର୍ଦ୍ଧାରିତ ଫର୍ମରେ ପୂରଣ କରି, ସେହି ଫର୍ମ ଓ ପ୍ରବେଶିକା ଦେୟ ବନ୍ଧୁଘର, ଲଙ୍କାପଡା ଠାରେ ୧୬ ଡ଼ିସେମ୍ବର ସନ୍ଧ୍ୟା ୫ଟା ସୁଦ୍ଧା ପହଞ୍ଚେଇବାର ବ୍ୟବସ୍ଥା କରିବା ପାଇଁ ପ୍ରଧାନଶିକ୍ଷକ / ଶିକ୍ଷୟତ୍ରୀ ମାନଙ୍କୁ ଅନୁରୋଧ । ଉପରୋକ୍ତ ଫର୍ମଟି ନିମନ୍ତ୍ରଣ ପତ୍ର ସହ ବିଦ୍ୟାଳୟଗୁଡିକୁ ପଠାଯାଇଛି । **ପ୍ରତ୍ୟେକ ପ୍ରତିଯୋଗିତା ପାଇଁ ୧୦ ଟଙ୍କା ଓ ୨ ରୁ ଅଧିକ ପ୍ରତିଯୋଗିତା ପାଇଁ ୩୦ ଟଙ୍କା ପ୍ରବେଶିକା ଦେୟ ରଖାଯାଇଛି ।**

୨. ଛାତ୍ରଛାତ୍ରୀ ମାନେ ନିଜ ପରିଚୟପତ୍ର ସହ ବିଦ୍ୟାଳୟ ପୋଷାକରେ ଆସିବା ବାଞ୍ଛନୀୟ । ସେମାନେ ଅଂଶଗ୍ରହଣ କରିବାକୁ ଥିବା କାର୍ଯ୍ୟକ୍ରମର ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପୂର୍ବରୁ ଅଙ୍କୁରାୟନ ମଞ୍ଚ ଠାରେ ପହଞ୍ଚିବା ଦରକାର ପଡେ । ସବୁବେଳେ ଓ ସମସ୍ତପ୍ରକାରରେ ଶୃଙ୍ଖଳା ରକ୍ଷାକରିବା ଏକ ପ୍ରାଥମିକ ଆବଶ୍ୟକତା ।

୩. **ଦଉଡିଡିଆଁ, ଝୋଟି ଓ ଇନ୍ଦ୍ରଧନୁ :** ଏହି କାର୍ଯ୍ୟକ୍ରମ ଗୁଡ଼ିକରେ ଭାଗନେବାକୁ ଥିବା ଛାତ୍ରଛାତ୍ରୀ ମାନେ ସାଥିରେ ଯଥାକ୍ରମେ ଦଉଡ଼ି, ଝୋଟିପକା ଉପକରଣ, ରଙ୍ଗତୂଳି / ସ୍କେଚପେନ୍ ଆଣିବା ଆବଶ୍ୟକ । ଇନ୍ଦ୍ରଧନୁ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଡ୍ରଇଂସିଟ୍ ଯୋଗାଇଦିଆଯାଏ ।

୪. **ମେହେନ୍ଦି :** ଏହି କାର୍ଯ୍ୟକ୍ରମରେ ଭାଗନେବାକୁ ଥିବା ଭାଇ ଭଉଣୀମାନେ ସାଥିରେ ମେହେନ୍ଦି ଉପକରଣ ଓ ଅନ୍ୟ ଜଣକୁ (ଯଥା : ବୋଉ, ଭଉଣୀ, ସାଙ୍ଗ ବା ସମ୍ପର୍କୀୟଙ୍କୁ) ଆଣିବା ଆବଶ୍ୟକ । ସେମାନେ ସାଥିରେ ଆଣିଥିବା ଅନ୍ୟଜଣଙ୍କ ହାତରେ ମେହେନ୍ଦି କରିବେ । ଏହି କାର୍ଯ୍ୟକ୍ରମର ପ୍ରବେଶିକା ଦେୟ ୨୦ ଟଙ୍କା ରଖାଯାଇଛି ।

୫. **ମୁରୁଜ :** ଏଥିରେ ଭାଗନେବାକୁ ଥିବା ଭାଇ ଭଉଣୀମାନେ ସାଥିରେ ମୁରୁଜ ଉପକରଣ ଆଣିବା ଆବଶ୍ୟକ । ଏହି କାର୍ଯ୍ୟକ୍ରମର ପ୍ରବେଶିକା ଦେୟ ୧୦ ଟଙ୍କା ରଖାଯାଇଛି ।

୬. **ସଙ୍ଗୀତ :** ଦେଶାତ୍ମବୋଧକ, ଭଜନ ଇତ୍ୟାଦି ଭଳି ସୁରୁଚିସମ୍ପନ୍ନ ସଙ୍ଗୀତ ଗ୍ରହଣୀୟ ।

୭. **ସାଧାରଣ ଜ୍ଞାନ :** ଜ୍ଞାନ ସିନ୍ଧୁକ (ବରିଷ୍ଠ) ଓ ଜ୍ଞାନ କୁମ୍ଭି (କନିଷ୍ଠ) ରେ ପିଲାମାନଙ୍କୁ ପ୍ରଶ୍ନପତ୍ର ଯୋଗାଇ ଦିଆଯାଏ । ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ମାନଙ୍କ ମଧ୍ୟରୁ ସଠିକ୍ ଉତ୍ତରକୁ **OMR SHEET** ରେ ମୁଣ୍ଡଳି ବୁଲାଇବାକୁ ପଡେ ।

୮. **ମହକ :** ସାମଗ୍ରିକ ବ୍ୟକ୍ତିତ୍ୱର ସମ୍ଭାବ୍ୟ ଆକଳନ ପୂର୍ବକ ସବୁଠୁ ଭଲପିଲାଟିକୁ ବାଛିବା ଏହି କାର୍ଯ୍ୟକ୍ରମର ବିଶେଷ ଅଭିପ୍ରାୟ । ପିଲାଟି ସହ ଏକ ସହଜ ପରିବେଶରେ କିଛି ଭାବ ବିନିମୟ କରାଯାଏ । ଏଥିରେ କେବଳ ଜଣକୁ ସେ ବର୍ଷର ମହକ ଭାବେ ଘୋଷଣା କରାଯାଏ । ପୂର୍ବରୁ ଥରେ ମହକ ଭାବେ ସ୍ୱୀକୃତ ହୋଇଥିବା ପିଲାମାନେ ଏଥିରେ ଆଉଥରେ ଭାଗ ନେଇପାରନ୍ତି ନାହିଁ ।

୯. **ସୃଜନିକା :** ନୂଆକିଛି ଲେଖିପାରିବାର କଳାକୁ ସ୍ୱୀକୃତି ଦେବା ନିମନ୍ତେ ଏହାର ପରିକଳ୍ପନା । ଏହା ଚିରାଚରିତ ପ୍ରବନ୍ଧ ପ୍ରତିଯୋଗିତା ନୁହେଁ । ପିଲାଟିକୁ ଆପଣା ଛାଏଁ ଅନ୍ତରଙ୍ଗ ଥିବା ବିଷୟଟିଏ ଉପରେ ୧ ଘଣ୍ଟା ମଧ୍ୟରେ ୩୦ ରୁ ୫୦ ବାକ୍ୟରେ କିଛି ଲେଖିବାକୁ ପଡେ । ଦିଆଯାଉଥିବା ବିଷୟଗୁଡିକ ସାଧାରଣତଃ ପ୍ରବନ୍ଧ ବହିମାନଙ୍କରେ ମିଳେନା । ଶବ୍ଦ ସଂଯୋଜନା ଓ ଉପସ୍ଥାପନ ଶୈଳୀ ସହ ସୃଜନଶୀଳତା ମଧ୍ୟ ବିଚାର୍ଯ୍ୟ । କିଛି ନିର୍ବାଚିତ ଲେଖା 'ବନ୍ଧୁ'ର ବାର୍ଷିକ ପତ୍ରିକା "ପାଇକା"ରେ ସ୍ଥାନ ପାଇପାରେ ।

୧୦. **ବକ୍ତୃତା :** ଏ ବର୍ଷ ପାଇଁ କନିଷ୍ଠ ବିଭାଗର ବିଷୟ "ପଲିଥିନ" (ସାନ ସୁବିଧା ସେ ବଡ ବିପଦ, ପଲିଥିନ ମୁଣି କଲୁ ବାସନ୍ଦ), ବରିଷ୍ଠ ବିଭାଗର ବିଷୟ "ପିଲାଙ୍କ ବାପୁ" ଏବଂ ବିଶେଷ ବିତର୍କ "ଆଜି ଓ ଗାନ୍ଧୀ" ରଖାଯାଇଛି । ପ୍ରତ୍ୟେକଙ୍କୁ ୫ ମିନିଟ୍ ସମୟ ଦିଆଯାଏ । ବିଶେଷ ବିତର୍କରେ ଅଂଶଗ୍ରହଣ କରିବାପାଇଁ ପିଲା, ଶିକ୍ଷକ, ଅଭିଭାବକ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ ତଥା ସର୍ବସାଧାରଣଙ୍କୁ ବିଶେଷ ଅନୁରୋଧ ।

୧୧. **ଆବୃତ୍ତି :** ସ୍ପଷ୍ଟ, ସଠିକ୍ ଓ ପ୍ରଭାବୀ ଭାବେ କହିପାରିବା ଏକ କଳା ତଥା ପ୍ରତିଭା । ଏହାକୁ ସ୍ୱୀକୃତି ଦେବା ଆବୃତ୍ତି କାର୍ଯ୍ୟକ୍ରମର ଲକ୍ଷ୍ୟ । ଏଥିପାଇଁ ପିଲାମାନଙ୍କୁ ସ୍ୱନିର୍ବାଚିତ ପଦ୍ୟ / ପଦ୍ୟାଂଶ ଉପଯୁକ୍ତ ଭାବ ଓ ଭଙ୍ଗୀ ସହ ଉପସ୍ଥାପନ କରିବାକୁ ହୁଏ ।



ଅଙ୍କୁରାୟନ

ଅସାମାନ୍ୟ ଭଲପଣର ସାମାନ୍ୟକଥନ

୧୨. **ବିଭିନ୍ନିକା / ଏକକ ଅଭିନୟ :** ଏଥିପାଇଁ କେତୋଟି ସମ୍ଭାବ୍ୟ ବିଷୟବସ୍ତୁର ତାଲିକା : ମନ୍ତ୍ର ଉଚ୍ଚାରଣ ସହ ଠାକୁରପୂଜା, ସନ୍ଧ୍ୟା ଆଳତୀ, ସକାଳ ନିତ୍ୟକର୍ମ ଯଥା ବିଛଣାରୁ ଉଠିବା, ଦାନ୍ତ ଘଷା, ମୁହଁ ଧୁଆ, ଗାଧୁଆ, ମୁଣ୍ଡ କୁଣ୍ଡାଇବା, ଶ୍ରେଣୀରେ ଶିକ୍ଷକ ପାଠ ପଢାଇବା , ଚାଷକାମ ଯଥା ଧାନ କାଟିବା, ଧାନ ବାଡେଇବା , ବେଙ୍ଗଳା ବୁଲାଇବା , ହଳ କରିବା, ସାଇକେଲ ଚଲାଇବା, କୌଣସି ଖେଳ ଖେଳିବା , ବିଭିନ୍ନ ପ୍ରକାରରେ ଚାଲିବା , ହସିବା, କହିବା, କାନ୍ଦିବା, ହାଇମାରିବା, ବାପା ବୋଉଙ୍କ ଅଭିନୟ, ଭୁତର ଅଭିନୟ, ଡାହାଣିର ଅଭିନୟ, ଜୋକରର ଅଭିନୟ, ପାଗଳର ଅଭିନୟ, ବିହନ ବୁଣିବା, ରୋଷେଇ କରିବା, ଭିଭିନ୍ନ ଖାଦ୍ୟ ଖାଇବା, ଘର ଓଳାଇବା , ଲୁଗା ସଫା କରିବା, ଡଙ୍ଗା ଚଳାଇବା, ମହାପୁରୁଷ ବା ଦେବାଦେବୀଙ୍କ ଭଳି ବେଶଭୂଷା ହେବା , ନୂଆ ବୋହୂ / ବର ବେଶ ହେବା, କୀର୍ତ୍ତନ କରିବା ଇତ୍ୟାଦି ।

୧୩. **ମଧ୍ୟାନ୍ତର :** ପ୍ରତିଭାର ବହୁଧା ବହମାନ ଧାରା ଉପଧାରାଗୁଡିକୁ ଚିହ୍ନଟ କରିବାରେ ପ୍ରତିଯୋଗିତାର ଧରାବନ୍ଧା ନିୟମ ବିଫଳ ହେବାକୁ ଯେମିତି ବାଧ , ଠିକ୍ ସେମିତି ଆନନ୍ଦର ଅନନ୍ତ ସମ୍ଭାବନାଗୁଡିକ ପ୍ରଚଳିତ ସାଧନ ଯଥା ସିନେମା , କ୍ରିକେଟ୍ , ଅଯଥା କଥାବାର୍ତ୍ତା ଇତ୍ୟାଦିର ସରହଦ ଅତିକ୍ରମ କରିଯିବା ଅପରିହାର୍ଯ୍ୟ । କିନ୍ତୁ 'ଅଙ୍କୁରାୟନ' ପ୍ରତିଭାର ସବୁ ସମ୍ଭାବନା ଓ ଆନନ୍ଦର ସମସ୍ତ ପରିଭାଷାକୁ ସ୍ୱୀକାର କରେ । କେବଳ ସେଥିପାଇଁ ମଧ୍ୟାନ୍ତର । କିଛି ସ୍ୱୀକୃତ ପ୍ରତିଭା ଥାଉକି ନଥାଉ ପ୍ରତି ପିଲା ପାଇଁ ଏହା ଏକ ମୁକ୍ତମଞ୍ଚ । ତା ଓଠରେ ଧାରେ ଖାଣ୍ଟି ହସ ଥାପି ଦେବା ହିଁ ଉଦ୍ଦେଶ୍ୟ । ଏହା ପ୍ରତିଦିନ ଆୟୋଜିତ ହେବ ।

୧୪. **ପ୍ରଦର୍ଶନୀ :** ଅଙ୍କୁରାୟନ ୨୦୧୯ ଉପଲକ୍ଷେ ଏକ ଭବ୍ୟ ପ୍ରଦର୍ଶନୀର ଆୟୋଜନ କରାଯାଉଅଛି । ଏଥିରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମାଟି, କାଗଜ, ପ୍ଲାଷ୍ଟିକ ଆବର୍ଜନା, ଷଡେଇ, ନଡିଆକତା ଇତ୍ୟାଦି ଦ୍ୱାରା ନିର୍ମିତ ଅଭିନବ ଜିନିଷମାନ ପ୍ରଦର୍ଶିତ ହେବ । ଏଥିରେ ଭାଗ ନେବାକୁ ଥିବା ଛାତ୍ରଛାତ୍ରୀମାନେ ୧୨ ଡିସେମ୍ବର ୨୦୧୯ ସୁଦ୍ଧା ନିଜକୁ ବନ୍ଧୁ କାର୍ଯ୍ୟାଳୟ, ଲଙ୍କାପଡା ଠାରେ ପଞ୍ଜିକୃତ କରାଇନେବା ଆବଶ୍ୟକ ।

୧୫. **ସୀକୃତି :** କନିଷ୍ଠ ଓ ବରିଷ୍ଠ ବିଭାଗରେ ସର୍ବୋତ୍ତମ ପ୍ରଦର୍ଶନ କରିଥିବା ଛାତ୍ର ବା ଛାତ୍ରୀଙ୍କୁ ବିଶେଷ ସ୍ୱୀକୃତି ଦିଆଯାଏ । ସର୍ବୋତ୍ତମ ପ୍ରଦର୍ଶନ ବିଦ୍ୟାଳୟକୁ ମଧ୍ୟ ବିଶେଷ ଭାବେ ସମ୍ମାନିତ କରାଯାଏ ।

୧୬. **ଆନନ୍ଦବଜାର :** ଏହି ଉତ୍ସବରେ ଅଂଶଗ୍ରହଣ କରୁଥିବା ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ପ୍ରତିନିଧି ଓ ସ୍ୱେଚ୍ଛାସେବକମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଏ ।

୧୭. ଗୋଟିଏ ନିର୍ଦ୍ଦିଷ୍ଟ ପ୍ରତିଯୋଗିତାରେ ଗୋଟିଏ ବିଦ୍ୟାଳୟରୁ ସର୍ବାଧିକ ୩ ଜଣ ଭାଗ ନେଇପାରିବେ । ଜଣେ ଛାତ୍ର ବା ଛାତ୍ରୀ ଅତି ବେଶିରେ ୪ଟି ପ୍ରତିଯୋଗିତାରେ (ମଧ୍ୟାନ୍ତର ଓ ବିଶେଷ ବିତର୍କକୁ ଛାଡି) ଅଂଶ ଗ୍ରହଣ କରିପାରିବେ ।

୧୮. ଇଚ୍ଛୁକ ବିଦ୍ୟାଳୟର ପିଲାମାନେ ଗୋଟିଏ ଦଳ ହିସାବରେ କୌଣସି ଏକ ଗୀତରେ ନୃତ୍ୟ ପରିବେଷଣ କରିପାରିବେ । ଏଥିପାଇଁ ଗୀତଟିକୁ ୧୬ ଡିସେମ୍ବର ୨୦୧୯ ସନ୍ଧ୍ୟା ୫ ଟା ସୁଦ୍ଧା ପେନ୍‌ଡ୍ରାଇଭ୍ ରେ କାର୍ଯ୍ୟାଳୟରେ ଦାଖଲ କରିବା ଆବଶ୍ୟକ ।

୧୯. **ପୁରସ୍କାର ବିତରଣ :** ୧୯ ଡିସେମ୍ବର ୨୦୧୯ ଗୁରୁବାର ଅପରାହ୍ନ ୨ ଟାରେ ଅଙ୍କୁରାୟନ ମଞ୍ଚରେ ଅନୁଷ୍ଠିତ ହେବ । ଏହି ଉତ୍ସବକୁ ପିଲାମାନେ ସେମାନଙ୍କ ପିତାମାତା ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ଆସିବାକୁ ଅନୁରୋଧ ।

୨୦. **ସେଚ୍ଛାସେବକ :** ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାସେବକ ଭାବେ "ବନ୍ଧୁ" ସହ ଯୋଗ ଦେଇପାରିବେ । ଏଥିପାଇଁ ଆଗ୍ରହୀ ପିଲାମାନଙ୍କର ନାଁ ଅନୁମୋଦନ କରିବା ପାଇଁ ପ୍ରଧାନଶିକ୍ଷକ / ଶିକ୍ଷୟତ୍ରୀଙ୍କୁ ଆମର ବିଶେଷ ଅନୁରୋଧ । ସେମାନଙ୍କୁ ଯଥାର୍ଥ ସ୍ୱୀକୃତି ଦିଆଯାଏ ।

୨୧. "ଅଙ୍କୁରାୟନ" ସମ୍ପର୍କୀୟ ସମସ୍ତ ପ୍ରସଙ୍ଗରେ ଆବାହକଙ୍କର ନିଷ୍ପତ୍ତି ହିଁ ଚୁଡାନ୍ତ ।

୨୨. "ଅଙ୍କୁରାୟନ" ବାବଦରେ ସମସ୍ତ ଅନୁସନ୍ଧାନ, ମତାମତ ଦେବା ମୋବାଇଲ ନମ୍ବର - **8339885275, 6370144929, 7504686577** ରେ କରାଯାଇପାରେ । ଏହା **bandhuodisha@gmail.com** କୁ ଇମେଲ୍ ମଧ୍ୟ କରାଯାଇପାରେ ।

ଏହି ନିୟମାବଳୀ, ଅଙ୍କୁରାୟନ କାର୍ଯ୍ୟକ୍ରମ ସୂଚୀ ଓ ପ୍ରଚାରପତ୍ର ବିଦ୍ୟାଳୟ ବିଜ୍ଞାପନ ଫଳକରେ ଲଗାଇବା ପାଇଁ ଅନୁରୋଧ ।

ଅଙ୍କୁରାୟନ କାର୍ଯ୍ୟକ୍ରମ ସୂଚୀ

୧୭ । ୧୨ । ୨୦୧୯(ମଙ୍ଗଳବାର)

ଉଦ୍‌ଘାଟନ	ସମସ୍ତେ	ପୂର୍ବାହ୍ନ ୮.୪୫
୧୦୦ ମିଟର ଦୌଡ (ବରିଷ୍ଠ ଛାତ୍ର)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ର	ପୂର୍ବାହ୍ନ ୯.୩୦
ଲମ୍ଫଡିଆଁ (କନିଷ୍ଠ ଛାତ୍ରୀ)	ପଞ୍ଚମ ରୁ ସପ୍ତମ ଶ୍ରେଣୀ ଛାତ୍ରୀ	ପୂର୍ବାହ୍ନ ୯.୩୦
୧୦୦ ମିଟର ଦୌଡ (କନିଷ୍ଠ ଛାତ୍ର)	ପଞ୍ଚମ ରୁ ସପ୍ତମ ଶ୍ରେଣୀ ଛାତ୍ର	ପୂର୍ବାହ୍ନ ୧୦.୩୦
ଲମ୍ଫଡିଆଁ (ବରିଷ୍ଠ ଛାତ୍ରୀ)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରୀ	ପୂର୍ବାହ୍ନ ୧୦.୩୦
ସୃଜନିକା (ବରିଷ୍ଠ)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ	ପୂର୍ବାହ୍ନ ୧୧.୩୦
ସୃଜନିକା (କନିଷ୍ଠ)	ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ପୂର୍ବାହ୍ନ ୧୧.୩୦
ମଧ୍ୟାନ୍ତର ଓ ଭୋଜନ	ସମସ୍ତେ	ଅପରାହ୍ନ ୧୨.୧୫
ଝୋଟିଚିତା	ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ଅପରାହ୍ନ ୧.୪୫
ଦଉଡିଡିଆଁ (କନିଷ୍ଠ)	ପଞ୍ଚମ ରୁ ସପ୍ତମ ଶ୍ରେଣୀ ଛାତ୍ରୀ	ଅପରାହ୍ନ ୨.୧୫
ଦଉଡିଡିଆଁ (ବରିଷ୍ଠ)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରୀ	ଅପରାହ୍ନ ୨.୧୫
ସଙ୍ଗୀତ (କନିଷ୍ଠ)	ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ଅପରାହ୍ନ ୩.୩୦
ମୁରୁଜ (ବରିଷ୍ଠ)	ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ସର୍ବସାଧାରଣ	ଅପରାହ୍ନ ୩.୩୦
ସଙ୍ଗୀତ (ବରିଷ୍ଠ)	ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ	ଅପରାହ୍ନ ୪.୦୦
ମୁରୁଜ (କନିଷ୍ଠ)	ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ଅପରାହ୍ନ ୪.୦୦
ସଙ୍ଗୀତ	ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ସର୍ବସାଧାରଣ	ଅପରାହ୍ନ ୪.୩୦

୧୮ । ୧୨ । ୨୦୧୯(ବୁଧବାର)

ମହକ	ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ପୂର୍ବାହ୍ନ ୯.୦୦
୧୦୦ ମିଟର ଦୌଡ (ବରିଷ୍ଠ ଛାତ୍ରୀ)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରୀ	ପୂର୍ବାହ୍ନ ୯.୦୦
ଲମ୍ଫଡିଆଁ (କନିଷ୍ଠ ଛାତ୍ର)	ପଞ୍ଚମ ରୁ ସପ୍ତମ ଶ୍ରେଣୀ ଛାତ୍ର	ପୂର୍ବାହ୍ନ ୯.୦୦
ପୁଚି	ତୃତୀୟ ରୁ ପଞ୍ଚମ ଶ୍ରେଣୀ ଛାତ୍ରୀ	ପୂର୍ବାହ୍ନ ୧୦.୦୦
ଜ୍ଞାନ ସିନ୍ଧୁକ (ବରିଷ୍ଠ)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ	ପୂର୍ବାହ୍ନ ୧୧.୦୦
ଜ୍ଞାନ କୁମ୍ଭି (କନିଷ୍ଠ)	ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ପୂର୍ବାହ୍ନ ୧୧.୦୦
ମଧ୍ୟାନ୍ତର ଓ ଭୋଜନ	ସମସ୍ତେ	ପୂର୍ବାହ୍ନ ୧୨.୦୦
ଇନ୍ଦ୍ରଧନୁ (ବରିଷ୍ଠ)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ	ଅପରାହ୍ନ ୨.୦୦
ଇନ୍ଦ୍ରଧନୁ (କନିଷ୍ଠ)	ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ଅପରାହ୍ନ ୨.୦୦
ମେହେନ୍ଦି	ସମସ୍ତେ	ଅପରାହ୍ନ ୩.୦୦
ଆବୃତ୍ତି	ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ଅପରାହ୍ନ ୩.୩୦

୧୯ । ୧୨ । ୨୦୧୯(ଗୁରୁବାର)

୧୦୦ ମିଟର ଦୌଡ (କନିଷ୍ଠ ଛାତ୍ରୀ)	ପଞ୍ଚମ ରୁ ସପ୍ତମ ଶ୍ରେଣୀ ଛାତ୍ରୀ	ପୂର୍ବାହ୍ନ ୯.୦୦
ଲମ୍ଫଡିଆଁ (ବରିଷ୍ଠ ଛାତ୍ର)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ର	ପୂର୍ବାହ୍ନ ୯.୦୦
ବକ୍ତୃତା (ବରିଷ୍ଠ)	ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ	ପୂର୍ବାହ୍ନ ୧୦.୦୦
ବକ୍ତୃତା (କନିଷ୍ଠ)	ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ପୂର୍ବାହ୍ନ ୧୦.୦୦
ବିଶେଷ ବିତର୍କ	ସମସ୍ତେ	ପୂର୍ବାହ୍ନ ୧୦.୦୦
ବିଭିନ୍ନିକା / ଏକକ ଅଭିନୟ	ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ପୂର୍ବାହ୍ନ ୧୧.୦୦
ମଧ୍ୟାନ୍ତର ଓ ଭୋଜନ	ସମସ୍ତେ	ଅପରାହ୍ନ ୧.୦୦
ପୁରସ୍କାର ବିତରଣ	ସମସ୍ତେ	ଅପରାହ୍ନ ୨.୦୦
ଉଦ୍‌ଯାପନ	ସମସ୍ତେ	ଅପରାହ୍ନ ୫.୦୦